ODM EDUCATIONAL GROUP
Changing your Tomorrow

# କଳାମାଣିକରେ

କବି:ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର

ଶ୍ରେଣୀ:ସପ୍ତମ

ତୃତୀୟ ଦିନ

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

## SUB-CONCEPTS:ଶ୍ରୀକୃଷ୍ଣଙ୍କ ବାଲ୍ୟଚପଳତା ଓ ଭାବାବେଗର କଥା ।

## ପୂର୍ବ ପାଠର ଆଲୋଚନା-

୧.'ଧୀରେ'ଶବ୍ଦର ଅର୍ଥ କ'ଣ ?
୨.କିଏ ଭାଳି ହେଉଛନ୍ତି ?
୩.'କବିତାରେ'ଅନ୍ଧର ଲଉଡ଼ି' କାହାକୁ କୁହାଯାଇଛି ?
୪.'ଜନକ ଜନନୀ ସୁଖ କାହିଁ ପାଇଁ ସାରୁ' ବୁଝାଇ ଦିଅ ।

ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ,
ହୃଦତାପ ବିନାଶନେ ତୁ ହରିଚନ୍ଦନ । କଳାମାଣିକ ରେ ... ୫

ଗୋଟିକା, ଅଧାମ, ସର ନ ତୁଟଇ ତୋତେ,
ନାଚି ଲାଞ୍ଜ ମାଗୁଥାଉ ଲବଣି କେମନ୍ତେ ! କଳାମାଣିକ ରେ ... ୬

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖ୍ କାହିଁ ପଶିବଇଁ ମୁହିଁ ! କଳାମାଣିକ ରେ ... ୭

ଡାକିନୀ ଲେଭାନ୍ତି ବୋଲି ଡରୁଥାଇ ମନେ,
ବାର ବାର ବାରୁଥାଇ ଯିବା ପାଇଁ ବନେ ! କଳାମାଣିକ ରେ ... ୮



- ଶ୍ରୀକୃଷ୍ଣ ଯଶୋଦାଙ୍କର ବୃଦ୍ଧାକାଳର ଏକମାତ୍ର ସନ୍ତାନ ଥିଲେ ।
- ବୃଦ୍ଧ ବୟସରେ ତାଙ୍କ ହୃଦଚନ୍ଦନ ପ୍ରାୟ ଏକମାତ୍ର ପୁତ୍ରର ଅନୁପସ୍ଥିତି ତାଙ୍କୁ ବିବ୍ରତ କରିପକାଇଛି ।
- ତାଙ୍କର ମନେ ପଡିଯାଇଛି କୃଷ୍ଣଙ୍କର ଲବଣି ମାଗିବାର ଭଙ୍ଗୀ ।
- ଗୋଟିକା,ଅଧାମ,ସର ଖାଇବାକୁ ରୁଚୁ ନ ଥିଲା ବେଳେ ଲହୁଣି ଚୋରାଇ ଖାଇବାରେ ସେ କିପରି ପାରଙ୍ଗମ ଥିଲେ ତାହା ଯଶୋଦାଙ୍କ ଆଖି ଆଗରେ ନାଚି ଉଠିଛି ।

# କଠିନ ଶବ୍ଦର ଅର୍ଥ:

- ନନ୍ଦନ-ପୁତ୍ର
- ହୃଦାତାପ-ହୃଦୟର ଦୁଃଖଜ୍ୱାଳା
- ହରିଚନ୍ଦନ-ଶୀତଳତା ପ୍ରଦାନକାରୀ ଶ୍ୱେତ ଚନ୍ଦନ
- ଗୋଟିକା-ପେଡା,ସନ୍ଦେଶ
- ଅଧାମ-ସରପୁଳି,ରାବିଡି
- ଲବଣୀ-ଲହୁଣୀ
- ଡାକିନୀ-ପିଶାଚୀ,ମାୟାବିନୀ

ODM EDUCATIONAL GROUP
Changing your Tomorrow

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ନନ୍ଦନ-ନନ୍ଦିନୀ,ବୃଦ୍ଧ-ବାଳୁତ
ରୁଚି-ଅରୁଚି,ଦୁର୍ବଳ-ସବଳ
ଲୋଭ-ନିର୍ଲୋଭ,ଯିବା-ଆସିବା

## ପ୍ରତିଶବ୍ଦ:

ନନ୍ଦନ-ପୁତ୍ର,କୁମର
ବନ-ଜଙ୍ଗଲ,କାନନ
ଡାକିନୀ-ଡାହାଣୀ,ରାକ୍ଷସୀ

## ଲିଙ୍ଗ ପରିବର୍ତ୍ତନ:

ବୃଦ୍ଧା-ବୃଦ୍ଧ
ନନ୍ଦନ-ନନ୍ଦିନୀ

# ଗୃହକର୍ମ:

ମାତା ଯଶୋଦାଙ୍କ ବିଷୟରେ  ଯାହା ଜାଣ ଲେଖ ।

# THANKING YOU

# ODM EDUCATIONAL GROUP